ସକାଳ-୧୪.୭.୨୦୨୩

# 'ଏନ୍ତୁଡ଼ି ଶାଳରୁ ମଶାଣି ଭୂଇଁ ପର୍ଯ୍ୟନ୍ତ ବୃକ୍ଷ ହିଁ ଏକମାତ୍ର ସାଥୀ'

## ସେବକ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୩।୭(ସମିସ):** ବୃକ୍ଷର ମହନୀୟତାର ଗାଥା ଯୁଗେ ଯୁଗେ ଅବର୍ଣ୍ଣନୀୟ। ମନୁଷ୍ୟର ଏନ୍ତୁଡି ଶାଳରୁ ମଶାଣୀ ଭୂଇଁ ପର୍ଯ୍ୟନ୍ତ ବୃକ୍ଷ ହିଁ ଏକମାତ୍ର ସାଥୀ ବୋଲି ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ପକ୍ଷରୁ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି



ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ତଥା ବୃକ୍ଷରୋପଣ ଲାଗି ପ୍ରୋତ୍ସାହିତ କରିବାକୁ ସେବକ ଓ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ସ୍କୁଲ ପରିସରରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଓ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ଚନ୍ଦ୍ର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ବରିଷ୍ଠ ସଭ୍ୟ ଚକ୍ରଧର ପୃଷେଠ ବୃକ୍ଷରୋପଣର ମହତ ଉଦ୍ଦେଶ୍ୟ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ଉଜ୍ଜଳପୁର ଟିମ ଲିଡର ତଥା ସବୁଜ ସ୍ମୃତି ଅଭିଜାନର ପ୍ରତିଷ୍ଠାତା ଦିଗାମ୍ବର ଉପାଧ୍ୟାୟ ସବୁଜ ସ୍ମୃତି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବୁଝାଇଥିଲେ। ଏହି ଅଭିଜାନ ମାଧ୍ୟମରେ ଗାଁ ଗାଁ, ପ୍ରତ୍ୟେକ ବିଦ୍ୟାଳୟ ସ୍ତରରେ ଜନ୍ମ, ମୃତ୍ୟୁ , ଜନ୍ମ ଦିବସ, ବିବାହ ବାର୍ଷିକୀ ତଥା ତିରୋଧାନ ଦିବସ ଆଦି ଗୁରୁତ୍ୱପୂର୍ଣ୍ଣ ଦିବସରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ସଚେତନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଟାଙ୍ଗରପାଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ପାତ୍ର, ବନପାଳ କୁନ୍ଦନ ମିଞ୍ଜ ଓ ବନରକ୍ଷୀ ଜ୍ୟୋତିରାଣୀ ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମୁକ୍ତେଶ୍ୱରୀ ପଟେଲ, ସ୍ମିତାଞ୍ଜଳି ହାତୀ, ନନ୍ଦିତା ପଟେଲ, ଶ୍ରୀଲେଖା ପଟେଲ ତଥା ସେବକ କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିଶମର ୧୦୦ରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା।

